ପ୍ରମେୟ

# ଖେଲୋ ଇଣ୍ଡିଆ ସମ୍ବାଦ କାର୍ଯ୍ୟକ୍ରମ

ନୂଆପଡ଼ା,୨୭।୮(ଆପ୍ର): ନୂଆପଡ଼ା ନ୍ୟାସନାଲ କଲେଜରେ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ 'ଖେଲୋ ଇଣ୍ଡିଆ ସମ୍ବାଦ' କାର୍ଯ୍ୟକ୍ରମ ହୋଇଯାଇଛି। ସେହି ଅବସରରେ ଭର୍ଚୁଆଲ ମାଧ୍ୟମରେ ଦେଶର ଯୁବଶକ୍ତିଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଡ଼ିହୋଇ କ୍ରୀଡ଼ା ଓ ଯୁବଶକ୍ତିର ଭୂମିକା ସମ୍ପର୍କରେ କହିଥିଲେ। ସେହିପରି ମେଜର ଧ୍ୟାନଚାନ୍ଦଙ୍କୁ ସ୍ମରଣ କରି ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଆଗ୍ରହୀ ହେବା ସହ ନିଶାମୁକ୍ତ ଓ ସଶକ୍ତ ଯୁବ ସମାଜ ଗଠନ ପାଇଁ ଆହ୍ୱାନ କରିଥିଲେ। କଲେଜ ଅଧ୍ୟକ୍ଷ ହିତେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରିକେଟ ସଂଘ ସଭାପତି ସରୋଜ ସାହୁ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ଯୁବା ଅଧିକାରୀ ଅଙ୍କିତ ଶର୍ମା, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡ଼େଇ, ଜାତୀୟ କବାଡ଼ି ଖେଳାଳି ହରିଶ ଅହିର, ଜାତୀୟ ସେବା ଯୋଜନା ଅଧିକାରୀ ହେମାଲ୍ ସା, କ୍ରୀଡ଼ା ଅଧ୍ୟାପକ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଲିମ୍ପିକ୍ସରେ ବିଭିନ୍ନ କ୍ରୀଡ଼ାରେ ଭାରତୀୟ ଖେଳାଳିଙ୍କ ଅଂଶଗ୍ରହଣ ଓ ପଦକ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦୩୬ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଆଜିଠାରୁ ଯୁବ ଖେଳାଳିଙ୍କୁ ପ୍ରସ୍ତୁତ କରିବା, ପ୍ରତିଭା ଚିହ୍ନଟ କରି ଉପଯୁକ୍ତ ତାଲିମ ଦେବା ପାଇଁ ସରକାର ପ୍ରସ୍ତୁତ ଥିବା କହିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଓ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନତା ସୃଷ୍ଟି ନିମନ୍ତେ ପ୍ରମୁଖ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର କୌଶଳ ଚନ୍ଦ୍ରାକର, ଉର୍ବଶୀ ମାନଢ଼େ, ରୋଶନୀ ଯାଦବ ଏବଂ ଲୋକେଶ ସାହୁ ଉପସ୍ଥିତ ଥିଲେ। କଲେଜ ଅଧ୍ୟାପକ କପିଳଦେବ ପାଣିଗ୍ରାହୀ ନିଶାମୁକ୍ତ ଶପଥପାଠ କରାଇଥିଲେ। ସମସ୍ତ ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ବହୁସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।